# ECHO OF HIS CALL

ECHO OF HIS CALL REACHING NATIONS SINCE 1969 — 1969 20 2029

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVII YEAR OF OUR LORD JESUS CHRIST, 2025 NOVEMBER No.09


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୯୬:୭–୧୩)

୭ ହେ ନାନା ଦେଶୀୟ ଗୋଷ୍ଠୀବର୍ଗ, ତୁମ୍ଭେମାନେ ସଦାପ୍ରଭୁଙ୍କର କୀର୍ତ୍ତନ କର, ସଦାପ୍ରଭୁଙ୍କ ଗୌରବ ଓ ପରାକ୍ରମର କୀର୍ତ୍ତନ କର ।

୮ ସଦାପ୍ରଭୁଙ୍କ ନାମର ଯଥୋଚିତ ଗୌରବ କୀର୍ତ୍ତନ କର; ନୈବେଦ୍ୟ ଆଣ ଓ ତାହାଙ୍କ ପ୍ରାଙ୍ଗଣକୁ ଆସ ।

୯ ଆହେ, ପବିତ୍ରତାର ସୌନ୍ଦର୍ଯ୍ୟରେ ସଦାପ୍ରଭୁଙ୍କର ଭଜନା କର; ସମୁଦାୟ ପୃଥିବୀ, ତାହାଙ୍କ ଛାମୁରେ କମ୍ପମାନ ହୁଅ ।

୧୦ ସଦାପ୍ରଭୁ ରାଜ୍ୟ କରନ୍ତି, ଏହା ଗୋଷ୍ଠୀବର୍ଗ ମଧ୍ୟରେ କୁହ; ଜଗତ ହିଁ ସୁସ୍ଥିର, ତାହା ବିଚଳିତ ହୋଇ ନ ପାରେ; ସେ ଗୋଷ୍ଠୀବର୍ଗଙ୍କୁ ନ୍ୟାୟରେ ବିଚାର କରିବେ ।

୧୧ ଆକାଶମଣ୍ଡଳ ଆନନ୍ଦିତ ହେଉ ଓ ପୃଥିବୀ ଉଲ୍ଲାସ କର; ସମୁଦ୍ର ଓ ତହିଁର ପୂର୍ଣ୍ଣତା ଗର୍ଜ୍ଜନ କରୁ;

୧୨ କ୍ଷେତ୍ର ଓ ତନ୍ମଧ୍ୟସ୍ଥ ସକଳ ଜୟଧ୍ୱନି କରନ୍ତୁ; ତେବେ ବନସ୍ଥ ବୃକ୍ଷସକଳ ଆନନ୍ଦରେ ଗାନ କରିବେ;

୧୩ ସଦାପ୍ରଭୁଙ୍କ ସମ୍ମୁଖରେ ଗାନ କରିବେ; କାରଣ ସେ ଆସୁଅଛନ୍ତି; ସେ ପୃଥିବୀର ବିଚାର କରିବାକୁ ଆସୁଅଛନ୍ତି; ସେ ଧର୍ମରେ ଜଗତର ଓ ଆପଣା ସତ୍ୟତାରେ ଗୋଷ୍ଠୀବର୍ଗର ବିଚାର କରିବେ ।

## ଆପଣ ଜାଗ୍ରତ କି ନିଦ୍ରିତ ?

## ARE YOU AWAKE OR ASLEEP?



ଭଉଣୀ ଆଞ୍ଜେଲ୍

ମୁଁ ଆମର ସେହି ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥିତ ନାମରେ ଅଭିବାଦନ ଜଣାଉଅଛି, ଯିଏ ଆମକୁ ସ୍ୱର୍ଗୀୟ ସ୍ଥାନର ସମସ୍ତ ଆତ୍ମିକ ଆଶୀର୍ବାଦରେ ଆଶୀର୍ବାଦ କରିଛନ୍ତି । ଆମର ଆହ୍ୱାନର ପ୍ରତିଧ୍ୱନି ସଂପ୍ରସାରିତ ପରିବାର ଏହି ପତ୍ରିକା ମାଧ୍ୟମରେ ସଂଯୁକ୍ତ ରହିବା ସର୍ବଦା ଏକ ଆନନ୍ଦଦାୟକ ବିଷୟ ଅଟେ । ଆପଣମାନଙ୍କର ଆତ୍ମା ଖ୍ରୀଷ୍ଟ ଯୀଶୁରେ ଯେପରି, ଆପଣଙ୍କ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସେହିପରି, ଆପଣମାନଙ୍କର ସମୃଦ୍ଧି ପାଇଁ ମୁଁ ପ୍ରାର୍ଥନା କରୁଅଛି ।

ଆମେ ବର୍ତ୍ତମାନ ୨୦୨୫ର ଶେଷ ଭାଗରେ ପହଞ୍ଚିଅଛୁ । ଏହି ବର୍ଷଟି କେତେ ଶୀଘ୍ର କଟିଗଲା । ଯେଉଁମାନେ ଏ ବର୍ଷ ଏକ ଫଳପୂର୍ଣ୍ଣ ଓ ଆଶୀର୍ବାଦର ଅନୁଭୂତି ପାଇଛନ୍ତି, ସେମାନଙ୍କ ନିମନ୍ତେ ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ ଓ ଯେଉଁମାନେ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କରେ – ଏପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ରହିଥିବାରୁ, ଆପଣମାନେ ଧନ୍ୟ ଅଟନ୍ତି । ପ୍ରକୃତରେ, ଈଶ୍ୱର ଆମର ବଳ ଅଟନ୍ତି ।

ଏହା ଆମ ପାଇଁ ନିର୍ଦ୍ଦିଷ୍ଟଭାବେ ଏକ ପରିବାର ଭାବରେ ଏକ ଆହ୍ୱାନମୂଳକ ବର୍ଷ ହୋଇରହିଛି । ଆମେ ଏହି ବର୍ଷ ମୋର ଭାଇ, ମୋର ପିତାମାତାଙ୍କର ଏକ ପ୍ରିୟ ପୁତ୍ର ଓ ଖ୍ରୀଷ୍ଟଙ୍କର ଏକ ବିଶ୍ୱସ୍ତ ଦାସଙ୍କୁ ହରାଇବାର ଯନ୍ତ୍ରଣା ଭୋଗିଅଛୁ । ତଥାପି, ଏହି ସମସ୍ତ ଭିତରେ, ଈଶ୍ୱରଙ୍କ ଅନୁଗ୍ରହ ଆମ ପାଇଁ ଯଥେଷ୍ଟ ଅଟେ । ଏହି କଷ୍ଟକର ସମୟରେ, ମୁଁ ଆପଣମାନଙ୍କର ପ୍ରାର୍ଥନା ନିମନ୍ତେ ଓ ଆମ ସହିତ ଠିଆ ହୋଇଥିବାରୁ ଗଭୀରଭାବେ କୃତଜ୍ଞ ଅଟେ ।

(ଅବଶିଷ୍ଟାଂଶ ଶେଷ ପୃଷ୍ଠାରେ)




ଆହ୍ୱାନର ପ୍ରତିଧ୍ୱନିର

ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

* Please Subscribe and Share *

ECHO OF HIS CALL REACHING NATIONS SINCE 1969

ECHO OF HIS CALL - (Marching towards 60th year)
Estd. 1969



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

"ହେ ସଦାପ୍ରଭୁଙ୍କଠାରେ ଭରସାକାରୀ ସମସ୍ତେ, ତୁମ୍ଭେମାନେ ବଳବାନ୍ ହୁଅ ଓ ତୁମ୍ଭମାନଙ୍କ ଅନ୍ତଃକରଣ ସାହସିକ ହେଉ" (ଗୀତସଂହିତା ୩୧:୨୪) ।



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅନିଶ୍ଚିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Dr.Angeline S. Kumari, M.A., M.Sc., M.Ed.

EX MANAGING EDITOR
Pastor Alex Samson Sam, B.Th., M.Div.

GENERAL MANAGER
Bro. N. Prakasam, M.A., M.Sc(C&P), PGDHRM, MBA.

ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc, M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)

EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858

E.MAIL
sam@echoofhiscall.org
biblecor@yahoo.co.in

WEBSITES
www.echoofhiscall.org
www.stpaulsmatriculation.org

YOUTUBE CHANNEL
Echo of His Call

ପ୍ରଭୁରେ ପ୍ରିୟ ଭାଇ ଓ ଭଉଣୀମାନେ,



ଯେଉଁ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଏ ପର୍ଯ୍ୟନ୍ତ ଆମକୁ ଆଶୀର୍ବାଦ କରି ଆସିଛନ୍ତି, ତାହାଙ୍କର ବହୁମୂଲ୍ୟ ନାମର ମହିମା ଓ ଗୌରବ ହେଉ ।

ଗତ ମାସରେ, ଆମେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲୁ, ଯଥା - ମୁଦ୍ରଣ ଯନ୍ତ୍ରରେ ଯାନ୍ତ୍ରିକ ସମସ୍ୟା, ଆମ ସହକର୍ମୀମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଓ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା - ଏଗୁଡ଼ିକ କିଛି ସମୟ ପାଇଁ ସେବାକାର୍ଯ୍ୟକୁ ଧୀର କରିଦେବା ଭଳି ମନେ ହେଉଥିଲା । ତଥାପି, ଈଶ୍ୱର ଆପଣାର ବଳବନ୍ତ ହସ୍ତ ଦ୍ୱାରା ତାଙ୍କର ଗୌରବ ନିମନ୍ତେ ପ୍ରତ୍ୟେକ ପରୀକ୍ଷାକୁ ଏକ ସାକ୍ଷ୍ୟରେ ପରିଣତ କରିଥିଲେ । ଆଜି ଆମେ ନୂତନ ଉତ୍ସାହ ଓ ନୂତନ ଉଦ୍‌ଯୋଗର ସହିତ ଏହି କାର୍ଯ୍ୟକୁ ଅବ୍ୟାହତ ରଖିଅଛୁ ।

ଯେଉଁମାନେ ବିଶ୍ୱସ୍ତଭାବେ ପରିଶ୍ରମ କରୁଅଛନ୍ତି, ସେମାନଙ୍କ ଉପରେ ସ୍ୱର୍ଗୀୟ ସାମର୍ଥ୍ୟ ନିମନ୍ତେ, ଆମେ ଆପଣମାନଙ୍କର ନିରବଚ୍ଛିନ୍ନ ପ୍ରାର୍ଥନା ଆବଶ୍ୟକ କରୁଅଛୁ, ଯଥା - ଆମର ସମର୍ପିତ ମଣ୍ଡଳୀ ପ୍ରତାରକଗଣ, କ୍ଷେତ୍ର କାର୍ଯ୍ୟକାରୀ, ଛାପାକଳର କର୍ମଚାରୀ, କାର୍ଯ୍ୟାଳୟର କର୍ମଚାରୀ, ନିହିମିୟା ବାଇବଲ କଲେଜର କର୍ମଚାରୀ ଓ ସେଣ୍ଟପଲ୍‌ସର ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଶିକ୍ଷକ ଓ ଅଣଶିକ୍ଷକ, ଇତ୍ୟାଦି ।

ବର୍ତ୍ତମାନ ସମୟରେ, ଆମେ ସମର୍ପିତ କର୍ମଚାରୀମାନଙ୍କର ଅଭାବ ଅନୁଭବ କରୁଅଛୁ ଓ ଏଥିଯୋଗୁ ଅନେକ କ୍ଷେତ୍ରରେ ବିଳମ୍ବ ଘଟୁଅଛି - ଯଥା, ଆମ ବରିଷ୍ଠ ପାଳକଙ୍କର ଆତ୍ମ-ଜୀବନୀ, ଆବାସିକ ହିନ୍ଦୀ ନିହିମିୟା ବାଇବଲ କଲେଜର ଅଭିବୃଦ୍ଧି, ବିଭିନ୍ନ ପ୍ରଶାସନିକ ଦାୟିତ୍ୱ ଓ ସର୍ବୋପରି ମଣ୍ଡଳୀର ଉନ୍ନତି । ଯେପରି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ସମର୍ପିତ ସଂପୂର୍ଣ୍ଣ ସମୟ ସେବକମାନେ ଏହି ସେବାକାର୍ଯ୍ୟର ଦାୟିତ୍ୱ ବହନ କରିବା ପାଇଁ ଆଗକୁ ଆସିବେ ଏଥିପାଇଁ ଆମେ ଆପଣମାନଙ୍କର ପ୍ରାର୍ଥନା ଅନୁରୋଧ କରୁଅଛୁ ।

ଏହି ସମୟରେ, ଯେତେବେଳେ ଅନେକ ସେବାକାର୍ଯ୍ୟ ଈଶ୍ୱରଙ୍କ ବାକ୍ୟର ମୌଳିକ ସତ୍ୟଗୁଡ଼ିକରୁ ଦୂରେଇ ଯାଉଛନ୍ତି ଓ ଜାଗତିକ ଧାରା ଓ ବ୍ୟବସ୍ଥା ଉପରେ ଆଉଜି ପଡ଼ୁଛନ୍ତି, ସେତେବେଳେ ପ୍ରଭୁ ଆମ ପ୍ରତି ଦୟା ଦେଖାନ୍ତୁ, ତାଙ୍କର ଆତ୍ମାଙ୍କୁ ନୂତନଭାବେ ଢାଳନ୍ତୁ ଓ ତାଙ୍କ ଗୌରବ ନିମନ୍ତେ ଏକତ୍ର କାର୍ଯ୍ୟ କରିବା ପାଇଁ ଆମକୁ ମିଳିତ କରନ୍ତୁ ।

ଆମେ ସମସ୍ତ ସେବାକାର୍ଯ୍ୟ ନିମନ୍ତେ ଓ ଆତ୍ମିକ ଯୁଦ୍ଧର ସମ୍ମୁଖଭାଗରେ ଠିଆ ହୋଇ ଆପଣମାନଙ୍କ ନିମନ୍ତେ ଶତ୍ରୁ ବିରୁଦ୍ଧରେ ଯୁଦ୍ଧ କରୁଥିବା ସେବକମାନଙ୍କ ନିମନ୍ତେ ମଧ୍ୟ ପ୍ରାର୍ଥନା କରିବା ପାଇଁ ଆପଣମାନଙ୍କୁ ଅନୁରୋଧ କରୁଅଛୁ । ପ୍ରକୃତରେ, ଈଶ୍ୱର ସର୍ବଦା ଉତ୍ତମ ଅଟନ୍ତି । ଆମେନ୍ ।

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ସେବକ,

ପାଳକ ଏସ୍.ସାମ୍.ସେଲ୍‌ଭାରାଜ E.mail : sam@echoofhiscall.org

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଗତମାସ, ଆମେ ଯେପରି ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ ହେବା, ଏଥିପାଇଁ ମୁଁ ଆମର ହୃଦୟକୁ ଜଗି ରହିବାର ଗୁରୁତ୍ୱ ଉପରେ ଲେଖିଥିଲି । ମୁଁ "ପ୍ରହରୀ"



ଈଶ୍ୱର ଆମକୁ ଆମର ପରିବାର, ଆମର ମଣ୍ଡଳୀ, ଆମର ସହର ଓ ଆମର ଦେଶ ଉପରେ ପ୍ରହରୀଭାବେ ରଖିଛନ୍ତି ।

ଶବ୍ଦ ଉପରେ ଚିନ୍ତା କରୁଥିବା ସମୟରେ, ଈଶ୍ୱର କିପରି ଆମକୁ ସେହି ସମସ୍ତ ବିଷୟ ଉପରେ ପ୍ରହରୀ ହେବା ପାଇଁ ଆହ୍ୱାନ କରିଛନ୍ତି, ଯେଉଁଗୁଡ଼ିକୁ ସେ ଆମ ଦାୟିତ୍ୱରେ ସମର୍ପଣ କରିଛନ୍ତି – ଏହି କଥା ମୋତେ ସ୍ମରଣ କରାଇ ଦିଆଯାଇଥିଲା । ଯିହିଜିକଲ ୩:୧୭ରେ ଆମେ ପାଠ କରୁ, "ହେ ମନୁଷ୍ୟ ସନ୍ତାନ, ଆମ୍ଭେ ଇସ୍ରାଏଲ ବଂଶ ପ୍ରତି ତୁମ୍ଭକୁ ପ୍ରହରୀ କରି ନିଯୁକ୍ତ କରିଅଛୁ ।" ... ଈଶ୍ୱର ଆମକୁ ଆମର ପରିବାର, ଆମର ମଣ୍ଡଳୀ, ଆମର ସହର ଓ ଆମର ଦେଶ ଉପରେ ପ୍ରହରୀ ଭାବେ ନିଯୁକ୍ତ କରିଅଛନ୍ତି ।

ଜଣେ ପ୍ରହରୀ ନୀରବ ହୋଇ ରହିପାରିବ ନାହିଁ । ଧର୍ମଶାସ୍ତ୍ରରେ ଲେଖାଅଛି, "ହେ ଯିରୂଶାଲମ, ଆମ୍ଭେ ତୁମ୍ଭର ପ୍ରାଚୀର ଉପରେ ପ୍ରହରୀଗଣ ନିଯୁକ୍ତ କରିଅଛୁ, ସେମାନେ ଦିନ କିରାତି କଦାଚ ନୀରବ ରହିବେ ନାହିଁ" (ଯିଶାଇୟ ୬୨:୬) । ଯୀଶୁ ଖ୍ରୀଷ୍ଟ ଶୀଘ୍ର ଆସୁଅଛନ୍ତି– ଆମେ ନୀରବ ହୋଇ ରହିପାରିବା ନାହିଁ ।

ଜଣେ ବିଶ୍ୱସ୍ତ ପ୍ରହରୀକୁ ସର୍ବଦା ସତର୍କ ରହିବାକୁ ପଡ଼େ – ଅର୍ଥାତ୍, ସେ ଦେଖିବା ପାଇଁ, ଶୁଣିବା ପାଇଁ ଓ ସାମାନ୍ୟତମ ବିପଦର ସୂଚନାକୁ ମଧ୍ୟ ଚିହ୍ନିବା ପାଇଁ ସମର୍ଥ ହେବା ଆବଶ୍ୟକ । ଆମକୁ ଜାଗ୍ରତ ରହିବା ପାଇଁ, ଆତ୍ମିକଭାବେ ସଚେତନ ରହିବା ପାଇଁ ଓ ଦୂରରୁ ବିପଦ ଦେଖିବା ମାତ୍ରେ ସତର୍କ ଘଣ୍ଟି ବଜାଇବା ପାଇଁ ଆହ୍ୱାନ କରାଯାଇଛି । ଜାଗ୍ରତ ରୁହନ୍ତୁ, ସତର୍କ ରହନ୍ତୁ । ଆସନ୍ତୁ, ଆଗାମୀ ବିଷୟ ପାଇଁ ଆମେ ଅନ୍ୟମାନଙ୍କୁ ସତର୍କ କରିବା ଓ ପ୍ରସ୍ତୁତ କରିବା ।

ଯିହିଜିକଲ ୩୩:୬ ଆମକୁ ସତର୍କ କରିଦେଉଛି ଯେ ଯଦି ଆମେ ସତର୍କ ଘଣ୍ଟି ବଜାଇ ଅନ୍ୟମାନଙ୍କୁ ସଚେତନ କରିବା ନାହିଁ, ତେବେ ସେମାନଙ୍କ ରକ୍ତ ଆମ ହସ୍ତରୁ ନିଆଯିବ । ଯିରିମିୟ ୫୧:୧୨ ଆମକୁ 'ରକ୍ଷକ ଦଳ ଦୃଢ଼ କରିବା ପାଇଁ, ପ୍ରହରୀଗଣ ନିଯୁକ୍ତ କରିବା ପାଇଁ' ଉତ୍ସାହିତ କରିଛି ।

ଏହି ଦାୟିତ୍ୱ କେବଳ ଅନ୍ୟମାନଙ୍କୁ ସତର୍କ କରାଇବା ନୁହେଁ – ଏହା ଆମ ନିଜ ଜୀବନକୁ ଜଗିବା ପ୍ରତି ମଧ୍ୟ ପ୍ରଯୁଜ୍ୟ ଅଟେ । ଏପରି ଅନେକ ବିଭ୍ରାନ୍ତି ଓ ପ୍ରଲୋଭନ ଅଛି ଯାହା ଆମକୁ ଈଶ୍ୱରଙ୍କ ଯୋଜନା ଓ ଉଦ୍ଦେଶ୍ୟରୁ ଦୂରେଇ ଦେଇପାରେ । ଯଦି ଆମେ ଜାଗ୍ରତ ରହିବା ନାହିଁ, ତେବେ ଆମେ ସହଜରେ ପତିତ ହେବା । ଆମକୁ ଈଶ୍ୱରଙ୍କର ପ୍ରହରୀ ହେବା ପାଇଁ ଆହ୍ୱାନ କରାଯାଇଛି ।

ମାତ୍ର ଏଠାରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଅଛି । ଈଶ୍ୱର ଆମକୁ ଯେପରିଭାବେ ଜଗିବା ପାଇଁ ଆହ୍ୱାନ କରିଛନ୍ତି, ଆମେ ପ୍ରକୃତରେ ସେହିପରି ଭାବେ ଜଗି ରହିଛୁ କି ?

ସତର୍କ ରହିବା, ଜାଗ୍ରତ ରହିବା ଓ ସଚେତନ ରହିବା ଏଗୁଡ଼ିକ ଜଣେ ବିଶ୍ୱସ୍ତ ପ୍ରହରୀର ମୁଖ୍ୟ ଗୁଣ ଅଟେ ।

ସତର୍କତାର ଅର୍ଥ ହେଉଛି, ଅତି ପରିବର୍ତ୍ତନ କିମ୍ବା ଗତିବିଧି ପ୍ରତି ସଚେତନ ରହିବା ।

ସଚେତନତାର ଅର୍ଥ ହେଉଛି, ଆମେ ଜଗୁଥିବା କ୍ଷେତ୍ର, ଯଥା – ଏହାର ଶକ୍ତି, ଏହାର ଦୁର୍ବଳ ସ୍ଥାନ ଓ ଏହାର ସାମ୍ଭାବ୍ୟ ବିପଦ ବିଷୟରେ ଜାଣିବା ।


ଜାଗ୍ରତ ରହିବା ହୁଏତ ସର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ, କାରଣ ଯଦି ଆମେ ଜାଗ୍ରତ ରହିବା ନାହିଁ, ତେବେ ଆମ ଚତୁଃପାର୍ଶ୍ୱରେ କ'ଣ ଘଟୁଅଛି, ଏ ବିଷୟରେ ଆମେ ସତର୍କ କିମ୍ବା ସଚେତନ ରହିପାରିବା ନାହିଁ ।



ଆମ ଚତୁଃପାର୍ଶ୍ୱରେ ଯାହା ଘଟୁଅଛି, ସେହି ବିଷୟରେ ସତର୍କ କିମ୍ବା ସଚେତନ ହେବା ।

ଏହି ଶେଷ ଦିନଗୁଡ଼ିକରେ, ଈଶ୍ୱର ଆମକୁ ଆତ୍ମିକ ଭାବେ ଜାଗ୍ରତ, ସଚେତନ ଓ ସତର୍କ ରହିବା ପାଇଁ ଆହ୍ୱାନ କରୁଛନ୍ତି ।

## ୧. ତେବେ କେଉଁମାନେ ନିଦ୍ରାଳୁ ?



ଯୀଶୁଖ୍ରୀଷ୍ଟ ଆମକୁ ମାଥିଉ ୧୩:୧୫ ରେ ଏକ ଉତ୍ତର ଦେଇଛନ୍ତି : "କାରଣ ଏହି ଲୋକଙ୍କର ହୃଦୟ ଜଡ଼ ହେଲା,





# ଅତି ଜରୁରୀ ବିଜ୍ଞାପନ

ନିକଟ ଭବିଷ୍ୟତରେ "ଆହ୍ୱାନର ପ୍ରତିଧ୍ୱନି"କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ ହ୍ୱାଟସ୍‌ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
**10, Mohammed Abdullah 2nd Street, Chepauk, Chennai-600 005, India**
**Cell: (+91) 98412 71858 / 98410 71858 E.mail: sam@echoofhiscall.org**

ସେମାନେ କାନରେ କଷ୍ଟରେ ଶୁଣିଲେ ଓ ଆପଣା ଆପଣା ଆଖି ବୁଜିଲେ ... ।''

ଅନ୍ୟ ଭାଷାରେ, ଏହିମାନେ ସେହି ଲୋକ ଯେଉଁମାନଙ୍କର ହୃଦୟ କଠିନ ହୋଇଅଛି । ସେମାନେ ପ୍ରେମ, ଭରସା ଓ ଧାର୍ମିକତାର ବାର୍ତ୍ତା ଶୁଣିଛନ୍ତି, ତଥାପି ସେମାନେ ସେମାନଙ୍କର ମାର୍ଗକୁ ପରିବର୍ତ୍ତନ କରନ୍ତି ନାହିଁ । ଆମ୍ପ୍ଲିଫାଏଡ୍ ବାଇବଲରେ ଲେଖାଅଛି – ସେମାନେ (ଜୋର୍‌ରେ) ସେମାନଙ୍କ ଚକ୍ଷୁକୁ ବନ୍ଦ କରିଛନ୍ତି । ସେମାନେ ଦେଖିବାକୁ ଇଚ୍ଛା କରନ୍ତି ନାହିଁ ।

ଯୀଶୁ ଏହି ପ୍ରକାର ଲୋକମାନଙ୍କ ବିଷୟରେ କହିଛନ୍ତି – ସେମାନେ ମୁଖରେ ମୋହର ପ୍ରଶଂସା କରନ୍ତି, ମାତ୍ର ସେମାନଙ୍କ ହୃଦୟ ମୋ'ଠାରୁ ଦୂରରେ ଥାଏ ।




*ଆମ ହୃଦୟ ଈଶ୍ୱରଙ୍କ ସ୍ୱର ଶୁଣିବା ଆବଶ୍ୟକ ।*

ଯଦି ଆମ ହୃଦୟ ଈଶ୍ୱରଙ୍କ ସ୍ୱର ଶୁଣିବା ପାଇଁ ପ୍ରସ୍ତୁତ ନୁହେଁ, ତେବେ ଆମେ ଆତ୍ମିକଭାବେ ନିଦ୍ରିତ ଅଟୁ । ଯଦି ଈଶ୍ୱର ଯାହା କହୁଛନ୍ତି, ତାହା ଆମେ ଶୁଣି ପାରୁ ନାହୁଁ, ଯଦି ଆମେ ଈଶ୍ୱରଙ୍କ ବିଷୟଗୁଡ଼ିକୁ ଦେଖିପାରୁ ନାହୁଁ, ତେବେ ଆମେ ଆତ୍ମିକଭାବେ ନିଦ୍ରିତ ଓ ବିପଦଗ୍ରସ୍ତ ଅଟୁ ।

## ୨. ଆମେ ଶୋଇବା ସମୟରେ କ'ଣ ଘଟେ ?

ମାଥିଉ ୧୩ ଅଧ୍ୟାୟରେ, ଆମେ ଏପରି ଜଣେ ଜମିଦାର ସମ୍ବନ୍ଧରେ ଏକ ଶକ୍ତିପୂର୍ଣ୍ଣ କାହାଣୀ ଦେଖୁ । ସେ ନିଜ କ୍ଷେତରେ ଉତ୍ତମ ବିହନ ବୁଣିଥିଲେ ଓ ଏହାର ସୁରକ୍ଷା ନିମନ୍ତେ ନିଜ ଦାସମାନଙ୍କୁ ଦାୟିତ୍ୱ ଦେଇଥିଲେ, ମାତ୍ର ସେହି ପ୍ରହରୀମାନେ ଶୋଇ ପଡ଼ିଥିବା ସମୟରେ, ଶତ୍ରୁ ଧୀର ପଦକ୍ଷେପରେ ଆସି ଗହମ ମଧ୍ୟରେ ବାଲୁଙ୍ଗା ବୁଣିଦେଲା ଓ କେହି ଦେଖିବା ପୂର୍ବରୁ ସେଠାରୁ



*ପ୍ରହରୀମାନେ ଶୋଇ ପଡ଼ିବା ସମୟରେ ଶତ୍ରୁ ଧୀର ପଦକ୍ଷେପରେ ଆସି ଗହମ ମଧ୍ୟରେ ବାଲୁଙ୍ଗା ବୁଣି ଦେଲା ।*

ଚାଲିଗଲା । ପରେ ଗହମ ଗଛ ବଢ଼ିବା ପରେ, କାର୍ଯ୍ୟକାରୀମାନେ ଉଭୟ ଗହମ ଓ ବାଲୁଙ୍ଗାକୁ ଏକତ୍ର ବୃଦ୍ଧି ପାଉଥିବାର ଦେଖିଲେ ।

''ମାତ୍ର ଲୋକେ ନିଦ୍ରା ଯାଇଥିବା ସମୟରେ, ତାଙ୍କ ଶତ୍ରୁ ଆସି, ସେହି ଗହମ ମଧ୍ୟରେ ବାଲୁଙ୍ଗା ବୁଣି ଦେଇ ଚାଲିଗଲା'' (ମାଥିଉ ୧୩:୨୫) ।

## ୩. ଶୋଇଥିବା ସମୟରେ ଶତ୍ରୁ ଆସିଥିଲା ।

ଆସନ୍ତୁ, ଆମେ ଏହି ପଦ ଉପରେ ଗଭୀରଭାବେ ଚିନ୍ତା କରିବା । ସେମାନେ ଶୋଇଥିବା ସମୟରେ ଶତ୍ରୁ ଆସିଥିଲା ।

ରାତ୍ରିର ନୀରବତା ସମୟରେ କିଏ ପ୍ରବେଶ କରିଥିଲା ? – ଶତ୍ରୁ ।

ପ୍ରହରୀ ଭାବରେ ଆମେ ଜାଗ୍ରତ ଓ ସତର୍କ ରହୁ ବୋଲି ଆଶା କରାଯାଏ । ଆମେ ଯେଉଁ ମୁହୂର୍ତ୍ତରେ ଆତ୍ମିକଭାବେ ନିଦ୍ରିତ ହେଉ, ସେତେବେଳେ ଆମେ ସଚେତନତା ହରାଇ ଦେଉ ଓ ଶତ୍ରୁ ଆମର ଅଜାଗ୍ରତ ସମୟରେ ସୁଯୋଗ ନେଇଯାଏ ।

### ସେଥିପାଇଁ ଧର୍ମଶାସ୍ତ୍ର ବାରମ୍ବାର ଆମକୁ କହିଛି :

''ଜାଗିରହି ପ୍ରାର୍ଥନା କର...''

ମାଥିଉ ୨୬:୪୧ ।

''ଭଣ୍ଡ ଭାବବାଦୀମାନଙ୍କଠାରୁ ସାବଧାନ ହୋଇ ଥାଅ''

ମାଥିଉ ୭:୧୫ ।

''ସାବଧାନ ...''

(ଲୂକ ୧୨:୧୫) ।

''ପ୍ରାର୍ଥନାରେ ଏକାଗ୍ରଭାବେ ନିବିଷ୍ଟ ଥାଅ, ପୁଣି ଧନ୍ୟବାଦ ସହ ସେଥିରେ ଜାଗ୍ରତ ଥାଅ''

କଲସୀୟ ୪:୨ ।

''ଅତଏବ ଜାଗ୍ରତ ଥାଅ''

ମାଥିଉ ୨୪:୪୨ ।

ଏହି ସମସ୍ତ ପଦ ସଜାଗ ଓ ଜାଗ୍ରତ ରହିବା ଉପରେ ଗୁରୁତ୍ୱ ଦିଏ । ଏହି ଗଳ୍ପରେ ମଧ୍ୟ ଦାସମାନେ ଶୋଇ ପଡ଼ିଥିଲେ ଓ ସେହି ସମୟରେ ହିଁ ଶତ୍ରୁ ସେମାନଙ୍କ ନିକଟକୁ ଆସିଥିଲା ।

ପ୍ରିୟ ବନ୍ଧୁଗଣ, ଆମେ ଯେତେବେଳେ ଅସତର୍କ, ଅନ୍ୟମନସ୍କ, କିମ୍ବା ଆତ୍ମିକଭାବେ ନିଦ୍ରିତ ଥାଉ, ସେତେବେଳେ ଶତ୍ରୁ ସର୍ବଦା ଆକ୍ରମଣ କରିବାକୁ ଚେଷ୍ଟା କରେ । ସେ ଏକ ଗର୍ଜନକାରୀ ସିଂହ ସଦୃଶ ଘୁରି ବୁଲୁଥାଏ ଓ ଗ୍ରାସ କରିବା ପାଇଁ, ଆମକୁ ଧ୍ୱଂସାଇବା ପାଇଁ ଓ ଆମକୁ ଆଘାତ କରି ପତିତ କରିବା ପାଇଁ ଅପେକ୍ଷା କରୁଥାଏ । ସେଥିପାଇଁ ଆମକୁ ସତର୍କ ରହିବାକୁ ହେବ ।



*ତାଙ୍କ ସହିତ ଘନିଷ୍ଠ ଓ ସୁସଂଗତ ହୋଇ ଚାଲିବା ।*

ଆମେ କିପରି ଆତ୍ମିକ ଭାବେ ଜାଗ୍ରତ ରହି ଈଶ୍ୱରଙ୍କ ସ୍ୱର ପ୍ରତି ସଚେତନ ରହିବା ? ତାଙ୍କ ସହିତ ଘନିଷ୍ଠ ଓ ସୁସଂଗତ ଭାବରେ ଚାଲିବା ଦ୍ୱାରା । ଯଦି ପ୍ରଭୁଙ୍କ ସହିତ ଆମର ସମ୍ପର୍କ ସାମୟିକ କିମ୍ବା ଆନ୍ତରିକତା ବିହୀନ ଅଟେ, ତେବେ ଆମେ ନିଜ ନିଜକୁ, ଆମର ପରିବାରକୁ, ଆମର ମଣ୍ଡଳୀକୁ, ଆମର ସହରକୁ, କିମ୍ବା ଆମର ଦେଶକୁ ଜଗି ରହିପାରିବା ନାହିଁ ।

(ଅବଶିଷ୍ଟାଂଶ ୨୪ ପୃଷ୍ଠାରେ)

GREAT COMMISSION PARTNERS

ECHO OF HIS CALL MINISTRIES SINCE 1965

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ପ୍ରାର୍ଥିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୫ ନଭେମ୍ବର ୧୯ ରୁ ୨୦୨୫ ଡିସେମ୍ବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ନଭେମ୍ବର ୧୯ ⇨ ଆମର ସମସ୍ତ ବହୁମୁଖୀ ସେବାକାର୍ଯ୍ୟକୁ ସୁରକ୍ଷା ଦେବାରେ ତାଙ୍କର ଆଶୀର୍ବାଦ ନିମନ୍ତେ ।

ନଭେମ୍ବର ୨୦ ⇨ ଆମ ପ୍ରତି ତାଙ୍କର ଅସୀମ ସ୍ନେହ ଓ ପ୍ରେମ ନିମନ୍ତେ ।

ନଭେମ୍ବର ୨୧ ⇨ ଆମର ନିଜର ଛାପାଖାନା ମାଧ୍ୟମରେ ୧୬ଟି ଭାଷାରେ ଆମର ପତ୍ରିକାକୁ ଛାପିବା ଓ ପ୍ରକାଶିତ କରି ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରଣ କରିବାରେ ଆମକୁ ସାହାଯ୍ୟ କରୁଥିବାରୁ ।

ନଭେମ୍ବର ୨୨ ⇨ ଗତମାସ ସାରା ତାଙ୍କର ଅନୁଗ୍ରହ ଓ ଚାଳନା ନିମନ୍ତେ ।

ନଭେମ୍ବର ୨୩ ⇨ ଆମ କ୍ଷେତ୍ରସ୍ଥ ମିଶନେରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ନଭେମ୍ବର ୨୪ ⇨ ଆମ ମଣ୍ଡଳୀରେ ନୂତନ ବିଶ୍ୱାସୀମାନଙ୍କୁ ସଂଯୁକ୍ତ କରିଥିବାରୁ ।

ନଭେମ୍ବର ୨୫ ⇨ ଆମର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ନଭେମ୍ବର ୨୬ ⇨ ଆମର ବରିଷ୍ଠ ପାଳକ ବିଭିନ୍ନ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରଚାର ପ୍ରତି ସମର୍ପିତ ହୋଇଥିବାରୁ ।

ନଭେମ୍ବର ୨୭ ⇨ ଆହ୍ୱାନର ପ୍ରତିଧ୍ୱନିର ଦୈନନ୍ଦିନ କାର୍ଯ୍ୟ ପାଇଁ ତାଙ୍କର ଚାଳନା ଓ ଆଶୀର୍ବାଦ ନିମନ୍ତେ ।

ନଭେମ୍ବର ୨୮ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଚାଲିଥିବା ସଣ୍ଡେସ୍କୁଲ ନିମନ୍ତେ ଅଧିକ ପିଲା ଯୋଗାଇ ଥିବାରୁ ।

ନଭେମ୍ବର ୨୯ ⇨ ଆମର ୟୁ-ଟ୍ୟୁବ ଗଣମାଧ୍ୟମ ସେବାକାର୍ଯ୍ୟ ଦ୍ୱାରା ଅପହଞ୍ଚ ଅଞ୍ଚଳରେ ସୁସମାଚାର ପ୍ରଚାର ପାଇଁ ଆମକୁ ସାହାଯ୍ୟ କରିଥିବାରୁ ।

ନଭେମ୍ବର ୩୦ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସଭ୍ୟାସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହା ଆଦେଶ ସାଥୀ ଓ ସେମାନଙ୍କ ପରିବାରଗୁଡ଼ିକ ପ୍ରତି ଦୟା ଦେଖାଇ ଥିବାରୁ ।

ଡିସେମ୍ବର ୧ ⇨ ଆମର ସମସ୍ତ ସହଯୋଗୀ ସଂପାଦକ, ସଂଯୋଜକ ଓ ସେମାନଙ୍କ ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ଡିସେମ୍ବର ୨ ⇨ ଆମର ଡାକ୍ତରଖାନା ସେବାକାର୍ଯ୍ୟରେ ଈଶ୍ୱରଙ୍କ ଆଶ୍ଚର୍ଯ୍ୟ କର୍ମ ନିମନ୍ତେ

ଡିସେମ୍ବର ୩ ⇨ ଆହ୍ୱାନର ପ୍ରତିଧ୍ୱନି ପତ୍ରିକାକୁ ବିଶ୍ୱସ୍ତ ଭାବରେ ସହାୟତା ଦେଉଥିବା ସମର୍ପିତ ସହଯୋଗୀ ସଂପାଦକମାନଙ୍କ ନିମନ୍ତେ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଡିସେମ୍ବର ୪ ⇨ ଆମର ଗ୍ଲୋବାଲ୍ ଭିଜନ୍ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାରରେ ଅଧିକ ଲୋକ ଯେପରି ଅନ୍ତର୍ଭୁକ୍ତ ହୋଇ ଏହି ଯୁଗର ଯୁବା ଓ ପିଲାମାନଙ୍କ ପାଇଁ ପ୍ରାର୍ଥନା କରିବେ ।

ଡିସେମ୍ବର ୫ ⇨ ଆମର ୟୁ-ଟ୍ୟୁବ ସେବାକାର୍ଯ୍ୟ ମାଧ୍ୟମରେ ଅସଂଖ୍ୟ ଆତ୍ମା ଯେପରି ପରିତ୍ରାଣ ପାଇବେ ।

ଡିସେମ୍ବର ୬ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଏହାର ଶାଖାଗୁଡ଼ିକରେ ବିଶ୍ୱାସୀମାନଙ୍କର ସ୍ୱର୍ଗୀୟ ସୁରକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

ଡିସେମ୍ବର ୭ ⇨ ସମଗ୍ର ପୃଥିବୀରେ ସମସ୍ତ ଖ୍ରୀଷ୍ଟିୟ ସେବାକାର୍ଯ୍ୟରେ ଯେପରି ବଡ଼ ଉଦ୍ଦୀପନା ଆସିବ ।

ଡିସେମ୍ବର ୮ ⇨ ଆମର ବରିଷ୍ଠ ପାଳକ, ଏସ୍.ସାମ୍ ସେଲ୍ଭାରାଜ ଓ ତାଙ୍କ ପରିବାର ଯେପରି ସମସ୍ତ ମନ୍ଦଶକ୍ତିରୁ ସୁରକ୍ଷିତ ରହିବେ ।

ଡିସେମ୍ବର ୯ ⇨ ଆମ ସେବାକାର୍ଯ୍ୟର ସଂପ୍ରସାରଣ ଓ ସମଗ୍ର ପୃଥିବୀରେ ସୁସମାଚାର ପ୍ରସାର ନିମନ୍ତେ ।

ଡିସେମ୍ବର ୧୦ ⇨ ସମସ୍ତ ଧର୍ମ ମଧ୍ୟରେ ଏକତା ଓ ମିଳନ ନିମନ୍ତେ ।

ଡିସେମ୍ବର ୧୧ ⇨ ସମଗ୍ର ପୃଥିବୀରେ ବାତ୍ୟା ଓ ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟର ନିରାକରଣ ନିମନ୍ତେ ।

ଡିସେମ୍ବର ୧୨ ⇨ ପୃଥିବୀରେ ବୟସ୍କ ଓ ଯୁବାମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବୃତ୍ତିର ଦୂରୀକରଣ ନିମନ୍ତେ ।

ଡିସେମ୍ବର ୧୩ ⇨ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ଓ ନିହିମିୟା ବାଇବଲ କଲେଜର ସମସ୍ତ ଛାତ୍ର ଓ ଶିକ୍ଷକମାନଙ୍କର ସୁରକ୍ଷା ନିମନ୍ତେ ।

ଡିସେମ୍ବର ୧୪ ⇨ ସମଗ୍ର ପୃଥିବୀର ପାଳକ ଓ ମିଶନେରୀମାନଙ୍କର ସୁରକ୍ଷା ନିମନ୍ତେ ।

ଡିସେମ୍ବର ୧୫ ⇨ ଆମ ମୁଖ୍ୟ ଓ ଶାଖା ମଣ୍ଡଳୀଗୁଡ଼ିକର ସମସ୍ତ ସଦସ୍ୟ-ଙ୍କର ଆତ୍ମିକ ଓ ଶାରୀରିକ ମଙ୍ଗଳ ନିମନ୍ତେ ।

ଡିସେମ୍ବର ୧୬ ⇨ ଆମ ଅନୁଷ୍ଠାନ ପାଇଁ ଯୋଗ୍ୟ ଓ ସମର୍ପିତ କର୍ମଚାରୀ ଯୋଗାଇବା ନିମନ୍ତେ ।

ଡିସେମ୍ବର ୧୭ ⇨ ଆମର କର୍ମଚାରୀ ଓ ଛାପାଖାନାର କର୍ମଚାରୀମାନେ ଯେପରି କାର୍ଯ୍ୟ କରୁଥିବା ସମୟରେ ସୁରକ୍ଷିତ ଓ ସୁସ୍ଥ ରହିବେ ।

ଡିସେମ୍ବର ୧୮ ⇨ ସମସ୍ତ ଦେଶ ମଧ୍ୟରେ ଶାନ୍ତି ଓ ଏକତା ନିମନ୍ତେ ।

....Contd. from page 4

## ୪. "ମଧ୍ୟରେ" ଶତ୍ରୁ

ଏହି ଅନୁଚ୍ଛେଦରେ ଅନ୍ୟ ଗୋଟିଏ ଛୋଟ ଶବ୍ଦ "ମଧ୍ୟରେ" ରହିଛି । ଶତ୍ରୁ କେଉଁଠାରେ ବାଲୁଙ୍ଗା ବୁଣିଥିଲା ? ବେଶୀ ଦୂରରେ, କିମ୍ବା ଅନ୍ୟ ଏକ କ୍ଷେତ୍ରରେ ନୁହେଁ, ମାତ୍ର ଉତ୍ତମ ବିହନ ମଧ୍ୟରେ । ଶତ୍ରୁ ଠିକ୍ କେଉଁ ବେଳେ ଓ କେଉଁ ସ୍ଥାନରେ ନିଜର ବାଲୁଙ୍ଗା ବୁଣିବ, ତାହା ଜାଣେ – ଈଶ୍ୱର ଯାହା ରୋପଣ କରିଛନ୍ତି, ଠିକ୍ ତା' ଭିତରେ ଓ ସେହି ବୃଦ୍ଧି ପାଇବାର ସମୟରେ ।

ମୁଁ ଏହା ବିଶ୍ୱାସ କରେ ଯେ ସେ ନିଶ୍ଚୟ ଆଘାତ କରିବା ପାଇଁ ଠିକ୍ ସମୟକୁ ଅପେକ୍ଷା କରିଥିବ – ଠିକ୍ ଯେପରି ବିହନ ବୁଣାକାର ଶତ୍ରୁ କରିଥିଲା । ଆମେ ପ୍ରାୟ ବିହନଗୁଡ଼ିକ ମଧ୍ୟରେ ବୃଦ୍ଧି ପାଉଥିବା ବାଲୁଙ୍ଗା ବିହନଠାରୁ ଜୀବନକୁ ଚାପି ଶୋଷି ନିଏ । ବାଲୁଙ୍ଗାଗୁଡ଼ିକ ଖାଦ୍ୟକୁ ଶୋଷିନିଏ, ବୃଦ୍ଧିରେ ବାଧା ଦିଏ ଓ ସୁସ୍ଥ ଗଛକୁ ନଷ୍ଟ କରିଦିଏ । ସେଗୁଡ଼ିକ ବନାଗ୍ନି ପରି ଅତି ଶୀଘ୍ର ବ୍ୟାପିଯାଆନ୍ତି ।

ସେହିପରି ଆମେ ଆମ ଜୀବନରେ ମଧ୍ୟ ବାଲୁଙ୍ଗା ଦେଖୁ, ଯଥା ପରିବାର ସଦସ୍ୟମାନଙ୍କ ମଧ୍ୟରେ, ମଣ୍ଡଳୀ ସଦସ୍ୟମାନଙ୍କ ମଧ୍ୟରେ, ବନ୍ଧୁମାନଙ୍କ ମଧ୍ୟରେ, ଏପରିକି ସେବାକାର୍ଯ୍ୟର ସାଥୀମାନଙ୍କ ମଧ୍ୟରେ । ଏହି ବାଲୁଙ୍ଗା ଆମର ଆନନ୍ଦ, ଶାନ୍ତି ଓ ସ୍ୱାସ୍ଥ୍ୟକୁ ଚୋରି କରିବା ପାଇଁ ଚେଷ୍ଟା କରେ ଓ ମିଥ୍ୟା ଓ ପ୍ରତାରଣା ମାଧ୍ୟମରେ ସଂପର୍କର କ୍ଷତି ସାଧନ କରେ । ସେଥିପାଇଁ ଆମେ ଶତ୍ରୁମାନଙ୍କର ଯୋଜନା ଓ କୌଶଳଗୁଡ଼ିକୁ ଚିହ୍ନିବା ପାଇଁ ଆତ୍ମାଙ୍କ ସାହାଯ୍ୟ ଆବଶ୍ୟକ କରୁ ।




ଚୋର ଆମର ଆନନ୍ଦ, ଶାନ୍ତି ଓ ସ୍ୱାସ୍ଥ୍ୟ ଚୋରି କରି ନିଏ ।

ଯୀଶୁ ଖ୍ରୀଷ୍ଟ ଲୋକମାନଙ୍କ ସହିତ ଥିବା ସମୟରେ, ଧର୍ମଶାସ୍ତ୍ର ଏହା ଉଲ୍ଲେଖ କରେ ଯେ ସେ ବାରମ୍ବାର "ସେମାନଙ୍କ ଚିନ୍ତାସବୁ ଜାଣୁଥିଲେ" କିମ୍ବା "ସେମାନଙ୍କର କୁଚିନ୍ତାଗୁଡ଼ିକୁ ଜାଣୁଥିଲେ ।" ପ୍ରହରୀ ମାନଙ୍କ ଭଳି, ଆମକୁ ମଧ୍ୟ ସେହିମାନଙ୍କ ପ୍ରତି ସତର୍କ ରହିବାକୁ ହେବ ଯେଉଁମାନେ



ସର୍ପ ପରି ଚତୁର ଓ କପୋତ ପରି ଅହିଂସକ ହୁଅ ।

ଆମ ଚତୁଃପାର୍ଶ୍ୱରେ ଅଛନ୍ତି । ଯୀଶୁ ଖ୍ରୀଷ୍ଟ ସତର୍କ କରିଥିଲେ, "ଦେଖ, ବାଘମାନଙ୍କ ମଧ୍ୟରେ ମେଣ୍ଢାମାନଙ୍କ ପରି ମୁଁ ତୁମ୍ଭମାନଙ୍କୁ ପଠାଉଅଛି, ଅତଏବ ସର୍ପ ପରି ବୁଦ୍ଧିମାନ ଓ କପୋତ ପରି ଅହିଂସକ ହୁଅ" (ମାଥିଉ ୧୦:୧୬) ।

ପବିତ୍ର ଆତ୍ମା ଆମକୁ ସମସ୍ତ ସତ୍ୟ ମଧ୍ୟକୁ କଢ଼ାଇ ନିଅନ୍ତି । ସେଥିପାଇଁ ତାଙ୍କର ଉପସ୍ଥିତିକୁ ମୂଲ୍ୟ ଦେବା ଓ ଆମକୁ ଜାଗ୍ରତ ହେବା ପାଇଁ ତାଙ୍କ ଉପରେ ନିର୍ଭର କରିବା ଏକାନ୍ତ ଆବଶ୍ୟକ ଅଟେ । ଆମକୁ ଏହା ବୁଝିବାକୁ ହେବ ଯେ ଉତ୍ତମ ଲୋକମାନଙ୍କ ମଧ୍ୟରେ, ସର୍ବଦା ମନ୍ଦ ଉଦ୍ଦେଶ୍ୟ ରଖିଥିବା ଲୋକମାନେ ରହିବେ ଓ ପ୍ରାୟତଃ, ସେମାନଙ୍କୁ ଦୂରେଇ ଦେବା ପାଇଁ କହିବା ସହଜ ନୁହେଁ । ଅନେକ ସମୟରେ, ଦୟାଳୁ, ସହନଶୀଳ ଓ ଅନୁକମ୍ପାଶୀଳ ଲୋକମାନେ ହିଁ ଏହିପ୍ରକାର ଲୋକମାନଙ୍କ ଦ୍ୱାରା ଆଘାତ ପ୍ରାପ୍ତ ହୁଅନ୍ତି । ସେଥିପାଇଁ ଆମକୁ ଜାଗ୍ରତ ରହିବାକୁ ହେବ । ପ୍ରବଞ୍ଚିତ ହୁଅନ୍ତୁ ନାହିଁ, କାହାରିକୁ ଆପଣଙ୍କଠାରୁ ସୁବିଧା ହାସଲ କରିବାକୁ ଦିଅନ୍ତୁ ନାହିଁ ।

## ୫. ସେଗୁଡ଼ିକୁ ବୃଦ୍ଧି ପାଇବାକୁ ଦିଅନ୍ତୁ

କାହାଣୀରେ ଗୋଟିଏ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି – ଉଭୟ ବିହନ ଓ ବାଲୁଙ୍ଗା ସମାନ ଦିଶିପାରେ । ୧୩:୨୬ରେ, ଆମେ ପଢୁ ଯେ ଗହମ ଓ ବାଲୁଙ୍ଗା ଏକତ୍ର ବୃଦ୍ଧି ପାଇବା ଆରମ୍ଭ କଲେ ଓ ପ୍ରାୟ ଏକାଭଳି ଦେଖା ଗଲେ । ବାଇବଲ ବିଦ୍ୱାନମାନେ ବର୍ଣ୍ଣନା କରନ୍ତି ଯେ ଏହି ନିର୍ଦ୍ଦିଷ୍ଟ ବାଲୁଙ୍ଗା ପ୍ରାୟ ଗହମ ଭଳି ଦିଶେ । ଗହମଠାରୁ ଏହାକୁ ସହଜରେ ପୃଥକ୍ କରି ହୁଏ ନାହିଁ ।

ଦାସମାନେ ଦ୍ୱନ୍ଦ୍ୱଗ୍ରସ୍ତ ହୋଇ କର୍ତ୍ତାଙ୍କ ନିକଟକୁ ଯାଇ ପଚାରିଲେ, "ସାଆନ୍ତେ, ଆପଣ କଅଣ ନିଜ କ୍ଷେତରେ ଭଲ ବିହନ ବୁଣି ନ ଥିଲେ ? ତେବେ ବାଲୁଙ୍ଗାଗୁଡ଼ାକ କେଉଁଠାରୁ ହେଲା ?" (ମାଥିଉ ୧୩:୨୭) । ବାଲୁଙ୍ଗା ଗୁଡ଼ିକ କେଉଁଠାରୁ ଆସିଲା ବୋଲି ଗୋଳ ପଡ଼ିଥିବା ଦାସମାନେ ଚିନ୍ତା କରିଥିଲେ । ତାହା ପରିଚିତ ଶୁଭୁ ନାହିଁ କି ? ଆମେ କେତେଥର ଈଶ୍ୱରଙ୍କୁ ପଚାରୁ, "ଏହା ମୋ' ଜୀବନରେ କାହିଁକି ଘଟିଲା ? ଏହା କେଉଁଠାରୁ ଆସିଲା ? ଏହା କାହିଁକି ଘଟୁଅଛି ?"

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
ଯୋଗ୍ୟତା : ୧୦ମ ଓ ତଦୂର୍ଦ୍ଧ୍ୱ
Chepauk & Santhoshapuram, Velachery Chennai.
ଥିଓଲୋଜିରେ ଡିପ୍ଲୋମା & Bachelor of Theology
ମାଧ୍ୟମ - ହିନ୍ଦୀ (Residential) Sponsorship Available
ମାଧ୍ୟମ - ତାମିଲ (Part Time)
ଯୋଗାଯୋଗ
ଆଡ୍ମିଶନ ପାଇଁ ଶୀଘ୍ର ଆସନ୍ତୁ ।
ବିଗତ ୫୬ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
* ONLINE CLASSES ARE AVAILABLE *

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ଆହ୍ୱାନର ପ୍ରତିଧ୍ୱନି ମାସିକ ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠି, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୩. ବାଇବଲ କୋର – ମୌଳିକ ବାଇବଲ ପାଠ୍ୟକ୍ରମ (ଇଂରାଜୀ, ତାମିଲ, ହିନ୍ଦୀ ) ।
୪. ଥିଓଲୋଜିକାଲ କରେସପଣ୍ଡେନ୍ସ ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୫. ନିହିମିୟା ବାଇବଲ ମହାବିଦ୍ୟାଳୟ (ଚେପକ୍, ସନ୍ତୋଷପୁରମ ଓ ଭେଲାଚେରୀ) ।
୬. ଶାଖା ମଣ୍ଡଳୀ ସମୂହ : ସନ୍ତୋଷପୁରମ, ବାଲାଜୀନଗର ଓ ଭେଲାଚେରୀ ।
୭. ମହାଅଧିବେଶ ସାଧାରଣ (ତାଳକମାନେ) ।
୮. ବାଳିକା କାର୍ଯ୍ୟକ୍ରମ, ଅଧିବେଶନ ଓ ସଭା ।
୯. ସୁସମାଚାର ଅଭିଯାନ ।
୧୦. ସାହିତ୍ୟ ସେବା ଓ ବଣ୍ଟନ ।
୧୧. ସୁସମାଚାର ଛାପା କଳ – ପ୍ରକାଶନ ।
୧୨. ହେଣ୍ଡପିକଡ୍ ମାଟ୍ରିକୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୩. ରବିସ୍କୁଲ (ଚେପକ) – ରବିବାର ସକାଳ ଘ. ୧୦.୩୦ ଓ (ଭେଲାଚେରୀ, ବାଲାଜୀନଗର ଓ ସନ୍ତୋଷପୁରମ) ରବିବାର ଅପରାହ୍ନ ୩.୦୦ ଘଟିକା ।
୧୪. ପ୍ରାତଃ ଉପାସନା – ରବିବାର ସକାଳ ୫.୩୦ ।
୧୫. ପ୍ରାଥମିକ ସଭା – ରବିବାର ସକାଳ ଘ. ୮.୦୦ ।
୧୬. ତାମିଲ ଉପାସନା – ରବିବାର ସକାଳ ଘ. ୮.୩୦ ।
୧୭. ଯୁବ ସଭା – ରବିବାର ପୂର୍ବାହ୍ଣ ଘ. ୧୧.୦୦ ।
୧୮. ସହଭାଗିତା ମଧ୍ୟାହ୍ନ ଭୋଜନ – ରବିବାର ଅପରାହ୍ନ ଘ. ୧.୦୦ ।
୧୯. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୨୦. ତେଲୁଗୁ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୨୧. ଇଂରାଜୀ ଓ ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୨୨. ଉତ୍ସାହ ପ୍ରଦାନର ସମୟ – ରବିବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୩. ମହିଳାମାନଙ୍କର ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୪. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୬.୦୦ ।
୨୫. କିଶୋର ସଭା – ରବିବାର ସନ୍ଧ୍ୟା ଘ. ୬.୦୦ ଘଟିକା ।
୨୬. ଗୃହ ସଭା – ମଙ୍ଗଳବାର ଓ ଗୁରୁବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୭. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସ ସକାଳ ୬.୦୦ ଘଟିକା ।
୨୮. ସେବକମାନଙ୍କର ସଭା – ପ୍ରଥମ ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୯. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୩୦. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ରୁ) ।
୩୧. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୩୨. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୩. ଯୁବା / ପିଲାମାନଙ୍କ ପାଇଁ ପ୍ରାର୍ଥନା – ପ୍ରତିଦିନ ରାତ୍ରୁ ୧୦ ଘଟିକା (ଫୋନ ମାଧ୍ୟମରେ) ।
୩୪. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୫. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଘ. ୯.୦୦ଟା ଠାରୁ ରାତ୍ରୁ ୯.୦୦ (ରବିବାର ବ୍ୟତୀତ) ।

## ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ କେବଳ ଭାରତର ଛାତ୍ରମାନଙ୍କ ନିମନ୍ତେ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୬ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେନ୍ସ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ସ୍ନାତକୋତ୍ତର ପ୍ରାର୍ଥୀମାନଙ୍କ ପାଇଁ ଉଚ୍ଚ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟିଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ

*For more details, write to us.*

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ "ଆହ୍ୱାନର ପ୍ରତିଧ୍ୱନି" ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |




# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*''ଯେ ପାଠ କରେ, ସେ ବୁଝୁ'' (ମାଥିଉ ୨୪:୧୫)*

# ଉଡ଼ାଜାହାଜ ମୋତେ ଗୋଟିଏ ଶିକ୍ଷା ଦେଇଥିଲା !



''ବହୁ ପ୍ରତ୍ୟାଶୀ ପ୍ରାଣ ବିବାଦ ଜନ୍ମାଏ, ମାତ୍ର ଯେ ସଦାପ୍ରଭୁଙ୍କ ଉପରେ ନିର୍ଭର ରଖେ, ସେ ହୃଷ୍ଟପୁଷ୍ଟ ହେବ'' (ହିତୋପଦେଶ ୨୮:୨୫) ।

୧୯୭୦ରେ, ମୋର ଜଣେ ବନ୍ଧୁ ଭୂତାତ୍ମା ଦ୍ୱାରା ଆକ୍ରାନ୍ତ ଜଣେ ଦରିଦ୍ର ମହିଳାଙ୍କ ନିମନ୍ତେ ପ୍ରାର୍ଥନା କରିବା ପାଇଁ ମୋତେ ନାକାରେଥୁପେଟ ନାମକ ଏକ ଛୋଟ ଗ୍ରାମକୁ ନେଇ ଯାଇଥିଲେ । ସେ ଅନେକ ରୋଗ ଭୋଗୁଥିଲେ ଓ ଡାକ୍ତରମାନେ ତାଙ୍କୁ ସୁସ୍ଥ କରି ପାରୁ ନ ଥିଲେ । ସନ୍ଧ୍ୟା ହୋଇ ଯାଇଥିବାରୁ, ମୁଁ ସେଠାରେ ରହି ରାତିସାରା ତାଙ୍କ ପାଇଁ ପ୍ରାର୍ଥନା କରିଥିଲି । ଈଶ୍ୱର ଅନୁଗ୍ରହ ପୂର୍ବକ ଆମ ପ୍ରାର୍ଥନା ଶୁଣି ତାଙ୍କୁ ଆଶ୍ଚର୍ଯ୍ୟଜନକ ଭାବରେ ସୁସ୍ଥ କରିଥିଲେ ।

ପରଦିନ, ସକାଳେ ମୁଁ ସେହି ଗ୍ରାମ ଛାଡ଼ି ଚାଲି ଆସିଲି ଓ ମୋ' ପାଖରେ ଥିବା ସ୍ୱଳ୍ପ ଟଙ୍କାରେ ଏକ ସାଧାରଣ ଜଳଖିଆ ଖାଇଲି । କେବଳ ସେତେବେଳେ ମୁଁ ଏହା ଉପଲବ୍ଧି କରିଥିଲି ଯେ ମୋ' ପାଖରେ ଗୃହକୁ ଫେରିବା ପାଇଁ ଆଉ କିଛି ଟଙ୍କା ନାହିଁ । ମୋର ପରିସ୍ଥିତି ବିଷୟରେ ଚିନ୍ତା ନ କରି, ମୁଁ ମୋ' ପାଖରେ ଥିବା ସୁସମାଚାର ପତ୍ରିକାଗୁଡ଼ିକୁ ବାହାର କଲି ଓ ଚାଲିଚାଲି ଯାଉଥିବା ସମୟରେ ରାସ୍ତା ସାରା ଲୋକମାନଙ୍କୁ ସେଗୁଡ଼ିକୁ ବାଣ୍ଟିବାରେ ଲାଗିଲି । କିଛି ସମୟ ପରେ, ମୁଁ କ୍ଷୁଧା ଓ କ୍ଳାନ୍ତିରେ ଭାରଗ୍ରସ୍ତ ହୋଇଗଲି ।

କିନ୍ତୁ, ପବିତ୍ର ଆତ୍ମା ମୋତେ ସିଧାସଳଖ ଗୃହକୁ ଯିବା ପାଇଁ ଅନୁମତି ଦେଇ ନ ଥିଲେ । ଏହା ପରିବର୍ତ୍ତେ, ସେ ମୋତେ ପାଷ୍ଟର ଆବେଦ୍-ନଗୋଙ୍କ ଗୃହକୁ ଯିବା ପାଇଁ ଚାଳନା ଦେଲେ । ସେ ନିଜ ମଣ୍ଡଳୀ ମାଧ୍ୟମରେ ଗରିବ ଲୋକଙ୍କ ଭିତରେ କାର୍ଯ୍ୟ କରୁଥିଲେ । ସେହି କାର୍ଯ୍ୟକ୍ରମର ନାମ ଥିଲା – ''ତାମ୍ବାରମ୍‌ରେ ଜୀବନ-ମାର୍ଗ'' । ସେହି ସମୟରେ, ପାଷ୍ଟର ଆବେଦ୍-ନଗୋ, ସ୍ୱର୍ଗତଃ, ଭାଇ. ଇମ୍ମାନୁୟେଲ ଚିଦାମ୍ବରମ୍‌ଠାରେ ଥିବା ଜୀବନ-ମାର୍ଗ ଏସିଏ ମଣ୍ଡଳୀର ପାଳକ ଥୋମାସ୍ ଓ ଭାଇ. ପୋଲିସ ଦେଲ୍ଲାଦୁରାଇ (ବର୍ତ୍ତମାନ ଆମେରିକାରେ ଈଶ୍ୱରଙ୍କ ଦାସ ଭାବରେ ପ୍ରସିଦ୍ଧ) ଗୋଟିଏ ଉପବାସ ପ୍ରାର୍ଥନା କରୁଥିଲେ ।

ପ୍ରାର୍ଥନା ଶେଷ ହେବା ପରେ, ପାଷ୍ଟର ଅବେଦ୍-ନଗୋଙ୍କର ପତ୍ନୀ ମୋତେ କ୍ଷୁଧିତ ଥିବାର ଦେଖି ଖାଦ୍ୟ ପ୍ରଦାନ କରିଥିଲେ । ଇତି ମଧ୍ୟରେ ଭାଇ. ପୋଲିସ ଦେଲ୍ଲାଦୁରାଇ ବିମାନ ବନ୍ଦରରେ ତାଙ୍କର କାର୍ଯ୍ୟରେ ଯୋଗ ଦେବା ପାଇଁ ତରବରରେ ଯାଉ ଯାଉ, ମୋତେ ତାଙ୍କ ସହିତ ଯିବା ପାଇଁ ଡାକିଲେ । ସେ ମୋତେ ବିମାନ ବନ୍ଦରରେ ନିକଟରୁ କେତେକ ଉଡ଼ାଜାହାଜ ଦେଖାଇବେ ବୋଲି କହିଲେ । ମୁଁ ଯେପରି ସେବା କାର୍ଯ୍ୟ ଦ୍ୱାରା ଭାରଗ୍ରସ୍ତ ଅନୁଭବ ନ କରି କିଛି ନୂତନ ବିଷୟ ଦେଖି ଆନନ୍ଦିତ ଓ ସତେଜ ହେବି, ଏହା ତାଙ୍କର ଉଦ୍ଦେଶ୍ୟ ଥିଲା ।

## ମରାମତି ହେଉଥିବା ଉଡ଼ାଜାହାଜ

ବିମାନ ବନ୍ଦରରେ, ମୁଁ ଏପରି ଗୋଟିଏ ବିମାନକୁ ଦେଖିଲି ଯେଉଁଥିରେ କିଛି ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିବାରୁ, ଯାତ୍ରୀମାନଙ୍କୁ ସେଥିରୁ ଓହ୍ଲାଇ ଦିଆଯାଇଥିଲା । ଅତି ଅଳ୍ପ ସମୟ ମଧ୍ୟରେ ଦକ୍ଷ କର୍ମଚାରୀମାନେ ଆସି ଏହାକୁ ସଜାଇବାକୁ ଚେଷ୍ଟା କଲେ, ମାତ୍ର ସେମାନେ ପାରିଲେ ନାହିଁ । ଅତିଶୀଘ୍ର ଅନ୍ୟସ୍ଥାନଗୁଡ଼ିକରୁ ଇଞ୍ଜିନିୟରମାନଙ୍କୁ ଅଣାଗଲା ଓ ସେମାନେ ସେହି ବିମାନକୁ ସଜାଡ଼ିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ସେମାନେ ଏହାକୁ ସଜାଡ଼ିବା ପାଇଁ କେତେ ଧୈର୍ଯ୍ୟର ସହିତ ପରିଶ୍ରମ କରୁଥିଲେ, ତାହା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଥିଲି ।

ଇତି ମଧ୍ୟରେ, ଅପେକ୍ଷାରତ ଯାତ୍ରୀମାନେ ଧୈର୍ଯ୍ୟ ହରା ହୋଇ ଉଠିଥିଲେ । ସେମାନେ ସେହି ମରାମତି କରାଯାଉଥିବା ବିମାନରେ ଯାତ୍ରା କରିବେ ନାହିଁ କହି ଚିତ୍କାର କରୁଥିଲେ ଓ ଏହା ବିଷୟରେ ଅତି ରୁକ୍ଷ କରି କଥା କହୁଥିଲେ ।

ଦୀର୍ଘ ତିନିଘଣ୍ଟା ପରେ, ଶେଷରେ ଇଞ୍ଜିନିୟରମାନେ ବିମାନଟିକୁ ଉଡ଼ାଣ ପାଇଁ ଯୋଗ୍ୟ କରିଦେଲେ । ଟାଣ ଖରାରେ ଠିଆ ହୋଇଥିବା ଛୋଟ ଓ ବଡ଼ ସମସ୍ତ ଯାତ୍ରୀ ବିମାନରେ ଚଢ଼ିବା ଆରମ୍ଭ କଲେ । ମୁଁ ଯାତ୍ରୀମାନଙ୍କ ମଧ୍ୟରେ ଠିଆ ହୋଇଥିବାରୁ, ଯାତ୍ରୀମାନେ ମୋତେ ମଧ୍ୟ ଚଢ଼ିବା ପାଇଁ କହିବାରୁ, ମୁଁ ଆଶ୍ଚର୍ଯ୍ୟ ହେଲି ।

ସେହି ସମୟରେ, ବିମାନ କିପରି ଗତି କରୁଛି, ଏହା ଲକ୍ଷ୍ୟ କରିବା ପାଇଁ ପବିତ୍ର ଆତ୍ମା ମୋତେ ଧୀର ସ୍ୱରରେ କହିଥିଲେ । ଯେଉଁ ବିମାନଟିକୁ ଅନୁପଯୁକ୍ତ ବୋଲି ବିଚାର କରାଯାଉଥିଲା, ତାହା ଧୀରେ ଧୀରେ ରନ୍‌ୱେ ଉପରେ ଚାଲିବା ଆରମ୍ଭ କରିଥିଲା ଓ ଏହାପରେ ଏହାର ବେଗରେ କ୍ଷିପ୍ରତା ଆସିଥିଲା । କିଛି ମୁହୂର୍ତ୍ତ ମଧ୍ୟରେ, ଏହା ପ୍ରବଳ ବେଗରେ ଉପରକୁ ଉଠି ଆକାଶରେ ଉଡ଼ିଥିଲା । ଯେଉଁ ବିମାନଟି ଘଣ୍ଟା ଘଣ୍ଟା ଧରି ଉଡ଼ିବା ପାଇଁ ଅନୁପଯୁକ୍ତ ଥିଲା, ତାହା ହଠାତ୍ ଆପେ ଆପେ ଶକ୍ତିର ସହିତ ଉପରକୁ ଉଠିଥିଲା ।

## ପୁଣି ଈଶ୍ୱର ମୋ' ସହିତ କଥା କହିଥିଲେ

''ମୋର ପୁତ୍ର ସାମ୍, ଆଜି ତୁମେ ହୁଏତ ପରିତ୍ୟକ୍ତ, ଦୂରକୁ ନିକ୍ଷିପ୍ତ ଓ ଅଦରକାରୀ ପାତ୍ର ବୋଲି ଅନୁଭବ କରୁଅଛ । ମାତ୍ର ତୁମର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ତୁମକୁ ବିଶ୍ୱାସର ଏକ ଦୀର୍ଘ ପଥରେ ଚାଲିବାକୁ ହେବ । ମରାମତି ଅଧୀନରେ ଥିବା ବିମାନଟି

ଜଳି, ତୁମକୁ ମଧ୍ୟ ପୁନରୁଦ୍ଧାର କରାଯିବ ଓ ଯୋଗ୍ୟ କରାଯିବ । ମୋର ନିରୂପିତ ସମୟରେ, ମୁଁ ତୁମକୁ ଆଶୀର୍ବାଦ କରିବି । ସେହି ବିମାନଟି ଯେପରି ଅନେକ ଲୋକଙ୍କୁ ବୋହି ନେଉଥିଲା, ତୁମେ ମଧ୍ୟ ସେହିପରି ଅନେକଙ୍କ ପ୍ରତି ଆଶୀର୍ବାଦ ସ୍ୱରୂପ ହେବ । ଭୟ କର ନାହିଁ, ମୁଁ ତୁମ ସହିତ ଅଛି ।''

ମୁଁ ପ୍ରାୟ ୨୦ କିଲୋମିଟର ଚାଲି ଚାଲି ମୋ' ଗୃହକୁ ଫେରିଥିଲି । ଆଜି, ମୁଁ ଏହି ସାକ୍ଷ୍ୟ ଦେଇପାରେ ଯେ ସେହି କଷ୍ଟକର ସମୟରେ ପ୍ରଭୁ ମୋତେ ଯେଉଁ କଥା କହିଥିଲେ, ତାହା ସଫଳ ହୋଇଅଛି ।

ପ୍ରିୟ ବନ୍ଧୁଗଣ, ଆପଣମାନେ ବେଳେ ବେଳେ ଦାରିଦ୍ର୍ୟ, ବିରୋଧ, କିମ୍ବା ଜୀବନରେ ଆସୁଥିବା ବାଧା ଯୋଗୁ କ୍ଳାନ୍ତଶ୍ରାନ୍ତ ହେଉଛନ୍ତି କି ? ଭୟ କରନ୍ତୁ ନାହିଁ, କାରଣ ଲେଖାଅଛି - ''ମାତ୍ର ତୁମ୍ଭେମାନେ ସଦାପ୍ରଭୁଙ୍କ ଯାଜକ ବୋଲି ବିଖ୍ୟାତ ହେବ । ଲୋକମାନେ ତୁମ୍ଭମାନଙ୍କୁ ପରମେଶ୍ୱରଙ୍କ ପରିଚାରକ ବୋଲି ଡାକିବେ, ତୁମ୍ଭେମାନେ ଅନ୍ୟଦେଶୀୟମାନଙ୍କ ସମ୍ପତ୍ତି ଭୋଗ କରିବ ଓ ସେମାନଙ୍କ ଐଶ୍ୱର୍ଯ୍ୟରେ ତୁମ୍ଭେମାନେ ଦର୍ପ କରିବ'' (ଯିଶାଇୟ ୬୧:୬) ।

*************

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ସେମାନେ ଏହା ବୁଝି ନ ଥିଲେ ଯେ କର୍ତ୍ତା କେବଳ ବିହନ ବୁଣିବା ବ୍ୟତୀତ ଅନ୍ୟ କିଛି କରି ନ ଥିଲେ । ଯାହା ଆମ ପାଇଁ ସର୍ବୋତ୍ତମ, ତାହାହିଁ ଈଶ୍ୱର ସର୍ବଦା କରନ୍ତି । ଯଦିଓ ଆମକୁ ବେଳେବେଳେ ସେପରି ମନେହୁଏ ନାହିଁ, ତଥାପି ସେ ଆମକୁ ଊର୍ଦ୍ଧ୍ୱରୁ ଦାନ ଓ ପ୍ରତିଭା ପ୍ରଦାନ କରନ୍ତି :

''ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧବର, ଊର୍ଦ୍ଧ୍ୱରୁ, ଅର୍ଥାତ୍ ଜ୍ୟୋତିର୍ଗଣର ପିତାଙ୍କଠାରୁ ଆସେ, ତାହାଙ୍କଠାରେ କୌଣସି ପରିବର୍ତ୍ତନ ବା ଲେଶମାତ୍ର ବିକାର ନାହିଁ'' (ଯାକୁବ ୧:୧୭) ।

କର୍ତ୍ତାଙ୍କର ଉତ୍ତର ସରଳ ଥିଲା, ''ସେଗୁଡ଼ିକୁ ବଢ଼ିବାକୁ ଦିଅ'' ।



କର୍ତ୍ତାଙ୍କର ଉତ୍ତର – ''ସେଗୁଡ଼ିକୁ ବଢ଼ିବାକୁ ଦିଅ ।''

ବେଳେବେଳେ, କାହିଁକି ଈଶ୍ୱରଙ୍କ ସନ୍ତୋଷଜନକ ଜୀବନ ଯାପୁଥିବା ଲୋକମାନେ ସମସ୍ତ ଅନ୍ତଃକରଣ, ମନ ଓ ପ୍ରାଣ ସହିତ ଈଶ୍ୱରଙ୍କ ସେବା କରୁଥିବା ଲୋକମାନଙ୍କ ଅପେକ୍ଷା ଅଧିକ ଆଶୀର୍ବାଦ ପ୍ରାପ୍ତ ବୋଲି ମନେହୁଅନ୍ତି ? କାହିଁକି ଅନ୍ୟମାନେ ଅଶୁଚି ଓ ଅନୈତିକ ଜୀବନ ଯାପୁଥିବା ସମୟରେ ଜୀବନକୁ ଉପଭୋଗ କରନ୍ତି ଓ ମୁଁ ଈଶ୍ୱରଙ୍କ ସନ୍ତାନଭାବରେ ଦୁଃଖଭୋଗ କରୁଥାଏ ? ଉତ୍ତର ସ୍ପଷ୍ଟ ଅଟେ : ''ସେମାନଙ୍କୁ ବୃଦ୍ଧି ପାଇବାକୁ ଦିଅ ।''

ଈଶ୍ୱର ଦୟାଳୁ ଅଟନ୍ତି । ତାଙ୍କର ଅନୁଗ୍ରହ ଆମ କଳ୍ପନାର ବାହାରେ । ସେ ଲୋକମାନଙ୍କୁ ପରିବର୍ତ୍ତିତ ହେବା ପାଇଁ ସମୟ ଓ ସୁଯୋଗ ଦିଅନ୍ତି । ସେ ଉଭୟ ଧାର୍ମିକ ଓ ଅଧାର୍ମିକମାନଙ୍କ ଉପରେ ଆପଣା ସୂର୍ଯ୍ୟ ଉଦୟ କରାନ୍ତି । ମାତ୍ର ଦିନେ ପ୍ରତ୍ୟେକ ବିଷୟକୁ ଆଲୋକକୁ ଅଣାଯିବ ଅର୍ଥାତ୍ ଶସ୍ୟ ଅମଳ ସମୟରେ ସବୁ ଜଣା ପଡ଼ିବ ।

## ୭. ଶସ୍ୟ ଅମଳର ସମୟରେ

ଯେତେବେଳେ ଦାସମାନେ ଗହମ ମଧ୍ୟରୁ ବାଲୁଙ୍ଗା ଗୁଡ଼ିକୁ ଉପାଡ଼ିବାକୁ ଚାହିଁଲେ, ସେତେବେଳେ କର୍ତ୍ତା କହିଲେ, ''ନା'' । ଉଭୟ ଗଛ ବୃଦ୍ଧି ପାଉଥିବା ସମୟରେ, କୌଣସି ସ୍ପଷ୍ଟ ଭିନ୍ନତା ଦେଖାଗଲା ନାହିଁ । ତଥାପି ଆମକୁ ଏହା ମନେ ରଖିବାକୁ ପଡ଼ିବ : ଉଭୟ ଗହମ ଓ ବାଲୁଙ୍ଗା ଅମଳର ସମ୍ମୁଖୀନ ହେବେ, ଅର୍ଥାତ୍ ବିଚାର ଦିନର ସମ୍ମୁଖୀନ ହେବେ । ଆମେ ବିଚାରାସନ ସମ୍ମୁଖରେ ଠିଆ ହେବା ସମୟରେ, ଭିନ୍ନତା ପ୍ରକାଶିତ ହେବ । କର୍ତ୍ତା ଘୋଷଣା କରିଥିଲେ :

''ଶସ୍ୟ ନ କାଟିବା ଯାଏ, ଦୁହିଁଙ୍କୁ ଏକାଠି ବଢ଼ିବାକୁ ଛାଡ଼ିଦିଅ, ଆଉ ଶସ୍ୟ କାଟିବା ସମୟରେ ମୁଁ କଟାଳି ମାନଙ୍କୁ କହିବି, ପୋଡ଼ିବା ପାଇଁ ଆଗେ ବାଲୁଙ୍ଗା ଏକାଠି କରି ବିଡ଼ା ବାନ୍ଧ, କିନ୍ତୁ ଗହମ ମୋ' ଅମାରରେ ସଂଗ୍ରହ କରି ରଖ'' (ମାଥିଉ ୧୩:୩୦) ।

ସେଥିପାଇଁ, ଆଜି ଆମେ ନିଜ ନିଜକୁ ଏହି ପ୍ରଶ୍ନ ପଚାରିବା ଆବଶ୍ୟକ : ଆମେ କେଉଁ ବିଡ଼ାରେ ଅଛୁ ?

ଈଶ୍ୱର ଆମକୁ ଏତେ ଗଭୀର ଭାବେ ପ୍ରେମ କରନ୍ତି ଯେ କେହି ଅନନ୍ତ ମୃତ୍ୟୁ ନିମନ୍ତେ ନିରୂପିତ ବିଡ଼ା ମଧ୍ୟରେ ପ୍ରଜ୍ୱଳିତ ଅଗ୍ନିକୁଣ୍ଡ ପାଇଁ ସଂଗୃହୀତ ହୁଅନ୍ତୁ ବୋଲି ସେ ଇଚ୍ଛା କରନ୍ତି ନାହିଁ । ''କାରଣ ସେଠାରେ ରୋଦନ ଓ ଦନ୍ତର କିଡ଼ିମିଡ଼ି ହେବ'' (ମାଥିଉ ୧୩:୪୨) । ଏଥିପାଇଁ ଯୀଶୁଖ୍ରୀଷ୍ଟ ଜଗତ ମଧ୍ୟକୁ ଆସିଥିଲେ : କାଲଭରୀର କ୍ରୁଶ ଉପରେ ଆମର ପାପ, ଅଭିଶାପ, ଅସୁସ୍ଥତା, ନୈରାଶ୍ୟ ଓ ଶୂନ୍ୟତାକୁ ଧାରଣ କରିବା ନିମନ୍ତେ । ସେ ଆମ ନିମନ୍ତେ ମୃତ୍ୟୁବରଣ କରିଥିଲେ । ସେ ମୃତ୍ୟୁର ସ୍ୱାଦ ଚାଖିଥିଲେ । କିନ୍ତୁ ମୃତ୍ୟୁ ତାଙ୍କୁ ଧରି ରଖି ପାରି ନ ଥିଲା ଓ ସେ ସର୍ବତୋଭାବେ ବିଜୟୀ ବୋଲି ପ୍ରମାଣ କରି ତୃତୀୟ ଦିବସରେ ପୁନରୁତ୍ଥିତ ହୋଇଥିଲେ ।

ସେ ଯେପରି ପ୍ରତିଜ୍ଞା କରିଥିଲେ, ସେହିପରି ଜଗତର ବିଚାର କରିବା ପାଇଁ ପୁନର୍ବାର ରାଜାମାନଙ୍କର ରାଜା ଭାବରେ ଆସିବେ । ଅନନ୍ତ ଦଣ୍ଡରୁ ରକ୍ଷା ପାଇବାର ଏକମାତ୍ର ମାର୍ଗ ହେଉଛି, ଯୀଶୁ ଖ୍ରୀଷ୍ଟଙ୍କୁ ଆମର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବା, ତାଙ୍କୁ ଆମ ଜୀବନର ପ୍ରଭୁ ବୋଲି ଘୋଷଣା କରିବା ଓ ତାଙ୍କର ନିଜସ୍ୱ ଲୋକ ହେବା । ତାହା ହିଁ ରକ୍ଷାର ଏକମାତ୍ର ମାର୍ଗ ଅଟେ ।

ବାଇବଲରେ ଲେଖାଅଛି :

''ସେତେବେଳେ ଧାର୍ମିକମାନେ ସେମାନଙ୍କ ପିତାଙ୍କ ରାଜ୍ୟରେ ସୂର୍ଯ୍ୟ ପରି ତେଜୋମୟ ଦେଖାଯିବେ । ଯାହାର କାନ ଅଛି, ସେ ଶୁଣୁ'' (ମାଥିଉ ୧୩:୪୩) ।

ଆମେ ତାଙ୍କ ପାଇଁ ଆଲୋକ ପ୍ରଦାନ କରୁ ବୋଲି ଈଶ୍ୱର ଚାହାଁନ୍ତି ।

ବାସ୍ତବ ପ୍ରଶ୍ନ ହେଉଛି : ''ଆମେ ତାଙ୍କ ପାଇଁ ଆଲୋକ ପ୍ରଦାନ କରିବାକୁ ଇଚ୍ଛୁକ ଅଟୁ କି ? ଆମେ ଗହମ କିମ୍ବା ବାଲୁଙ୍ଗା ? ଆମେ ଜାଗ୍ରତ କି ନିଦ୍ରିତ ?''

*************


### ବିଜ୍ଞାପନ

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ
(୯୧-୯୮୪୧୦୬୧୮୫୮),
(୯୧-୯୮୪୧୨୬୧୮୫୮)
(ମୁଖ୍ୟ ନମ୍ବର) – ସଂରକ୍ଷିତ ରଖନ୍ତୁ ।
ସମ୍ପାଦକ

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ''ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

-ସମ୍ପାଦକ -

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**
*****
E.mail : sam@echoofhiscall.org

## ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ - ଟ. ୧୦୦/- ଆଜୀବନ ସଭ୍ୟଚାଦା - ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 18th NOVEMBER 2025.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**